# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୭୯ (ଓଡ଼ିଆ ବୁଲେଟିନ) ସପ୍ତାହ - ୪୦ ତାରିଖ: ୦୩.୧୦.୨୦୨୫

## ଜିଲ୍ଲା – ଝାରସୁଗୁଡ଼ା

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୭.୦୯.୨୦୨୫ ରୁ ୦୩.୧୦.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୨୭ | ୨୮ | ୨୯ | ୩୦ | ୦୧ | ୦୨ | ୦୩ | ୨୭ | ୨୮ | ୨୯ | ୩୦ | ୦୧ | ୦୨ | ୦୩ | ୨୭ | ୨୮ | ୨୯ | ୩୦ | ୦୧ | ୦୨ | ୦୩ |
| ଝାରସୁଗୁଡ଼ା | 33 | 32 | 32 | 34 | 35 | 36 | 32 | 25 | 24 | 24 | 24 | 25 | 23 | 24 | 0.4 | 3.0 | 9.4 | 2.3 | 0.0 | 12.4 | 4.6 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୪-୧୦-୨୦୨୫ | ୦୫-୧୦-୨୦୨୫ | ୦୬-୧୦-୨୦୨୫ | ୦୭-୧୦-୨୦୨୫ | ୦୮-୧୦-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 40 | 17 | 10 | 8 | 5 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 33 | 33 | 34 | 34 | 34 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 24 | 25 | 25 | 25 | 26 |
| ମେଘ ଆବରଣ (ଓକଟା) | 8 | 7 | 6 | 5 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 96 | 96 | 95 | 94 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 81 | 77 | 72 | 71 | 64 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 4 | 7 | 5 | 2 | 2 |
| ପବନର ଦିଗ (ଡିଗ୍ରୀ) | 70 | 194 | 219 | 219 | 315 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ସହ ପ୍ରଥମ ଦିନ ଜିଲ୍ଲାର ଗୋଟେ କିମ୍ବା ଦୁଇଟା ସ୍ଥାନରେ ଭାରି ବର୍ଷା ହେବାର ମଧ ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ସମ୍ପୂର୍ଣ କିମ୍ବା ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧରେ ଆର୍ଦ୍ରତା ଅଧିକ ରହିବା ସହିତ ୨ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ବିସ୍ତାରିତ ପାଣିପାଗ ପୂର୍ବାନୁମାନ (ତାରିଖ: ୦୨.୧୦.୨୦୨୫) ଅନୁଯାୟୀ, ସପ୍ତାହ-୧ ର ପ୍ରଥମାର୍ଦ୍ଧ (୩ ରୁ ୯ ଅକ୍ଟୋବର, ୨୦୨୫) ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବ୍ୟାପକ ଭାବରେ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଛି ଏବଂ ଦ୍ୱିତୀୟାର୍ଦ୍ଧରେ ବିଚ୍ଛିନ୍ନ ଭାବରେ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଅଛି । ସାମଗ୍ରିକ ଭାବରେ, ଏହି ସମୟ ଅବଧିରେ ଓଡ଼ିଶାରେ ବର୍ଷା କାର୍ଯ୍ୟକଳାପ ସ୍ୱାଭାବିକ କିମ୍ବା ସ୍ୱାଭାବିକ ଠାରୁ ଅଧିକ ହୋଇପାରେ । ସପ୍ତାହ-୨ (୧୦ ରୁ ୧୬ ଅକ୍ଟୋବର, ୨୦୨୫) ମଧ୍ୟରେ ବର୍ଷା କାର୍ଯ୍ୟକଳାପ ହ୍ରାସ ପାଇବାର ସମ୍ଭାବନା ଅଛି ।
- ପ୍ରଚଳିତ ବୃଷ୍ଟିପାତର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବା ପାଇଁ ବ୍ୟବସ୍ଥା କରନ୍ତୁ ଏବଂ

କୃଷି କାର୍ଯ୍ୟ  କରିବା ସମୟରେ ଉପଯୁକ୍ତ ଯତ୍ନ ନିଅନ୍ତୁ ଏବଂ ବଜ୍ରପାତ ସମୟରେ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାର ବ୍ୟବସ୍ଥା କରନ୍ତୁ ।

- ଚାଷୀମାନେ ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶ ପାଇଁ ମେଘଦୂତ ମୋବାଇଲ ଆପ ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ ଓ  ସ୍ଥାନ  ନିର୍ଦ୍ଦିଷ୍ଟ  ପୂର୍ବାନୁମାନ  ଏବଂ  ଚେତାବନୀ  ପାଇଁ  ମୌସମ  ଆପ  ର ବ୍ୟବହାର କରିପାରିବେ ।

## ସଂକ୍ଷିପ୍ତ ଉପଦେଶ

- ପୂର୍ବ ଦିନଗୁଡିକରେ ପାଗର ଯେଉଁ ସ୍ଥିତି ଥିଲା ତାହା ଆଗକୁ ଧାନ କ୍ଷେତରେ ଚକଡା ପୋକର ଆକ୍ରମଣ ପାଇଁ ଅନୁକୂଳ ଅଟେ,  ତେଣୁ ଚାଷୀମାନଙ୍କୁ ଏହି ପୋକ ବିରୁଦ୍ଧରେ ନିୟମିତ ଭାବରେ ସେମାନଙ୍କ କ୍ଷେତ ତଦାରଖ କରିବାକୁ ପରାମର୍ଶ ଦିଆଯାଉଛି ।

## ପାଣିପାଗ ଭିତ୍ତିକ କୃଷି  ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | କେଣ୍ଡା ବାହାରିବା / କେଣ୍ଡା ବିକସିତ ହେବା ଅବସ୍ଥା / ଫୁଲ ଅବସ୍ଥା | • କେଣ୍ଡା ବାହାରିବା ପର୍ଯ୍ୟାୟରେ ଅତିରିକ୍ତ ପାଣି ଖେତରୁ ନିଷ୍କାସନ କରି ୟୁରିଆ ସାରର ଦ୍ୱିତୀୟ ଟପ୍ ଡ୍ରେସିଂ କରିବା ପାଇଁ ପରାମର୍ଶ ଦିଆଯାଇଅଛି ।<br>• ଚାଷୀଭାଇମାନେ ଚକଡା ଓ ବଙ୍ଗି ପୋକର ଆକ୍ରମଣ ଏବଂ ପତ୍ର ଛାଦ ପୋଡା ରୋଗ ବିରୁଦ୍ଧରେ ସେମାନଙ୍କ କ୍ଷେତର ନିୟମିତ ନିରୀକ୍ଷଣ କରନ୍ତୁ ।<br>• ଚକଡା ପୋକର ନିୟନ୍ତ୍ରଣ ହେତୁ ପୋକ ଲାଗିଥିବା ସମୟରେ ନାଇଟ୍ରୋଜେନଯୁକ୍ତ ସାର ବ୍ୟବହାର କରିବାରୁ ବଞ୍ଚନ୍ତୁ, କ୍ଷେତରେ ପାଣି ଜମି ରହିବାକୁ ରୋକିବା ପାଇଁ ବିକଳ୍ପ ଓଦା ଓ ଶୁଖା କୌଶଳ ବ୍ୟବହାର କରନ୍ତୁ । ଯଦି ତଥାପି ମଧ୍ୟ ସମସ୍ୟା ଲାଗି ରହେ,  ତେବେ ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. @ ୯୪ ମିଲି କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. @ ୧୨୦ ଗ୍ରାମ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦% ଏସ୍.ଜି. @ ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ % ଏସ୍.ଏଲ୍. @ ୫୦ ମିଲି କିମ୍ବା ଏସିଫେଟ୍ ୭୫% ଏସ୍.ପି. @ ୪୦୦ ଗ୍ରାମ ପ୍ରତି ଏକରକୁ ୨୦୦ ଲିଟର ପାଣିରେ ମିଶାଇ ଖେତରେ ପ୍ରୟୋଗ କରନ୍ତୁ । |
| କଦଳୀ | ଅଂଗିୟ ଅବସ୍ଥା (ନୁଆଁ ବଗିଚା) | • ପ୍ରଚଳିତ ପାଗ ଯୋଗୁଁ, କିଛି ନୂତନ ଭାବରେ ଲଗାଯାଇଥିବା କଦଳୀ ଗଛରେ ବିଭିନ୍ନ କବକଜନିତ ରୋଗର ଆକ୍ରମଣ ଦେଖାଯାଇପାରେ,  ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଆଗକୁ ହେବାକୁ ଥିବା ବର୍ଷା ଯୋଗୁଁ ଯଦି ଗଛ ମୂଳରେ ଜଳଜମା ହେଲା ପରି ପରିସ୍ଥିତି ସୃଷ୍ଟି ହୁଏ,  ତେବେ କଦଳୀ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ । |
| ବରକୋଳି | ଫୁଲ ଅବସ୍ଥା (ପୁରୁଣା ବଗିଚା) | • ବରକୋଳି ବଗିଚାରେ ପାଣି ଜମି ରହିବାକୁ ରୋକିବା ପାଇଁ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ, କାରଣ ପାଣି ଜମି ରହିବା ଫଳରେ ଗଛରୁ ଆହୁରି ଫୁଲ ଝଡ଼ିବାର ସମ୍ଭାବନା ବଢିପାରେ । |
| ପନିପରିବା ଚାଷ | ଅଂଗିୟ ଅବସ୍ଥା / ଫୁଲ ଓ ଫଳ ଅବସ୍ଥା | • ପନିପରିବା ଖେତରେ ଫଳ ମାଛି, ଫଳ ବିନ୍ଧା ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ଏବଂ ଏହା ବିରୁଦ୍ଧରେ ନିୟମିତ ଗଛର ନିରୀକ୍ଷଣ କରୁଥାନ୍ତୁ ।<br>• ପ୍ରଚଳିତ ବର୍ଷାର ସ୍ଥିତିକୁ ଧ୍ୟାନରେ ରଖି କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାର ଉଚିତ ବ୍ୟବସ୍ଥା କରିବାକୁ ତଥା ଝଡ଼ବର୍ଷା ସମୟରେ ପ୍ରବଳ ପବନରୁ ଫସଲକୁ ରକ୍ଷା କରିବା ପାଇଁ ଯାନ୍ତ୍ରିକ ସହାୟତା ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଗୋରୁ ଗାଈ ଓ ମଇଷି | • ଆସନ୍ତା ସପ୍ତାହରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ଏବଂ ଚେତାବନୀ ଦିଆଯାଇଥିବା ସମୟ ଅବଧିରେ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ ଓ ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । ସ୍ତନହରା ଓ ଫାଟୁଆ ରୋଗର ଆକ୍ରମଣ ପ୍ରତି ସାବଧାନ ରୁହନ୍ତୁ ।<br>• ପଶୁମାନଙ୍କ ଚାରା ଆବଶ୍ୟକତା ପୂରଣ କରିବା ପାଇଁ ଉପଲବ୍ଧ ମାଟିର ଆର୍ଦ୍ରତାରେ କିମ୍ବା ହାଲୁକା ଜଳସେଚନ କରି ସବୁଜ ଚାରା ବୁଣିବାକୁ ପରାମର୍ଶ ଦିଆଯାଇଅଛି । | |

| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପ** ର ବ୍ୟବହାର କରିପାରିବେ।